**ଓଡ଼ିଆ ପତ୍ରିକା : ଦିଗ୍‌ବଳୟ**

**ଦିଗ୍‌ବଳୟ ସମ୍ପର୍କରେ :**

ଓଡ଼ିଆ ପତ୍ରିକା **ଦିଗ୍‌ବଳୟ** ହେଉଛି ଓଡ଼ିଶା ଭୌତିକ ବିଜ୍ଞାନ ପରିଷଦର ଏକ ବାର୍ଷିକ ପ୍ରକାଶନ । ଓଡ଼ିଶାର ଜନସାଧାରଣଙ୍କୁ ବିଜ୍ଞାନର ଅଗ୍ରଗତି ସହ ପରିଚିତ କରାଇବା ଉଦ୍ଦେଶ୍ୟରେ 1996 ମସିହାରେ ଦିଗ୍‌ବଳୟର କଳ୍ପନା କରିଥିଲେ ଓଡ଼ିଶା ଭୌତିକ ବିଜ୍ଞାନ ପରିଷଦର ତତ୍କାଳୀନ ସଭାପତି ଡକ୍ଟର ଅମୂଲ୍ୟ କୃଷ୍ଣ ମିଶ୍ର । ପ୍ରଫେସର କୁଳମଣି ସାମଲଙ୍କ ସମ୍ପାଦନାରେ ଏହାର ପ୍ରଥମ ସଂଖ୍ୟା ପ୍ରକାଶ ପାଇଥିଲା । ସେଇଦିନ ଠାରୁ ପ୍ରତିବର୍ଷ ଓଡ଼ିଶା ଭୌତିକ ବିଜ୍ଞାନ ପରିଷଦର ବାର୍ଷିକ ସମାରୋହରେ ଦିଗ୍‌ବଳୟ ଉନ୍ମୋଚିତ ହୋଇ ଆସୁଛି । ପାଠକଙ୍କ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀର ପ୍ରସାର ପାଇଁ ଦିଗ୍‌ବଳୟର ପ୍ରତି ସଂଖ୍ୟାରେ ସମସାମୟିକ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ବିଭିନ୍ନ ପ୍ରସଙ୍ଗ ସ୍ଥାନିତ ହୋଇଥାଏ । ଓଡ଼ିଆ ଭାଷା 2014 ମସିହାରେ ଆମଦେଶର ଷଷ୍ଠ ଶାସ୍ତ୍ରୀୟ ଭାଷାର ମାନ୍ୟତା ଲାଭକଲା ପରେ ଶିକ୍ଷା ଓ ବ୍ୟାବହାରିକ କ୍ଷେତ୍ରର ବିଭିନ୍ନ ସ୍ତରରେ ଓଡ଼ିଆକୁ ଜ୍ଞାନର ଭାଷା ଭାବେ ପ୍ରତିଷ୍ଠିତ କରାଇବା ଆବଶ୍ୟକ ହୋଇଛି । ଅଧ୍ୟାପକ, ଗବେଷକ ଓ ଛାତ୍ରଛାତ୍ରୀଙ୍କ ଅକୁଣ୍ଠ ସହଯୋଗରେ ଦିଗ୍‌ବଳୟ ଏହି ମହାନ୍ କର୍ମରେ ନିଜର ଯଥାସାଧ୍ୟ ଅବଦାନ ଦେବାକୁ ଉଦ୍ୟମ କରୁଛି ।

**ପ୍ରକାଶକ :** ଓଡ଼ିଶା ଭୌତିକ ବିଜ୍ଞାନ ପରିଷଦ

**ପ୍ରକାଶନ ଅବଧି :** ବାର୍ଷିକ

**ଭାଷା :** ଓଡ଼ିଆ

**ବିଷୟବସ୍ତୁ :** ବିଜ୍ଞାନର ସାମ୍ପ୍ରତିକ ଘଟଣାବଳୀ ଓ ଐତିହାସିକ ବିଚାରଧାରା ଆଧାରିତ **ଏବଂ** ଅନ୍ଧବିଶ୍ୱାସ ଓ ପକ୍ଷପାତିତା ବର୍ଜିତ ଆଲୋଚନା

**ଉଦ୍ଦେଶ୍ୟ :** ଓଡ଼ିଆ ବିଜ୍ଞାନ ଲିଖନ ଓ ପଠନ ପ୍ରତି ଆଗ୍ରହ ବୃଦ୍ଧି ଏବଂ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀର ପ୍ରସାର

**ନିବେଦନ :** ଦେଶ ବିଦେଶର ଆଗ୍ରହୀ ଲେଖକ ଓ ଲେଖିକାଙ୍କୁ ଅନୁରୋଧ, ସେମାନେ ନିଜନିଜର ଓଡ଼ିଆ ବିଜ୍ଞାନ ରଚନା ବର୍ଷର ଯେ କୌଣସି ସମୟରେ ଓଡ଼ିଆ ଆକୃତି ବା ଓଡ଼ିଆ ୱାର୍ଡ଼ ଲିପିରେ ପ୍ରସ୍ତୁତ କରି ଦିଗ୍‌ବଳୟର ଇମେଲ ଠିକଣାକୁ ଇମେଲ ଯୋଗେ ପଠାଇ ଦିଗ୍‌ବଳୟର ଉଦ୍ଦେଶ୍ୟ ପୂରଣରେ ସହାୟକ ହୁଅନ୍ତୁ । ଦିଗ୍‌ବଳୟର ଇମେଲ ଠିକଣା : digbalayaodia@gmail.com